CAREERINDIA

**101.** ଶତ୍ରୁଜିତର କେଉଁ ବ୍ୟାସବାକ୍ୟ ଠିକ୍ ?

(1) ଶତ୍ରୁ ଦ୍ୱାରା ଜିତ
(2) ଯେ ଶତ୍ରୁ ସେ ଜିତ
(3) ଶତ୍ରୁଙ୍କର ଜିତ
(4) ଶତ୍ରୁକୁ ଜୟ କରିଛି ଯେ

**102.** କୃଷ୍ଣ କେଉଁଠି ସତ୍ୟର ପ୍ରକଟନ କରିଥିଲେ ?

(1) ବିରାଟପୁରୀରେ
(2) ଇନ୍ଦ୍ରପ୍ରସ୍ଥରେ
(3) ଅଜ୍ଞାତବାସରେ
(4) ବିଦୁର ଘରେ

**103.** 'ସେବେକର' - ଅର୍ଥ କେଉଁଟି ?

(1) ସେହିକର
(2) ସେକାଳର
(3) ସେବକର
(4) ସେବାକର

**104.** 'ଧିନ୍ଦ' - ଶବ୍ଦର ଅର୍ଥ କ'ଣ ?

(1) ଯଥାର୍ଥ
(2) ମାତ୍ର
(3) ଖୁସି
(4) ନିଶ୍ଚିତ

**105.** 'ବାସୁଦେବ' କହିଲେ କାହାକୁ ବୁଝାଏ ?

(1) ବିଦୁର
(2) କର୍ଣ୍ଣ
(3) କୃଷ୍ଣ
(4) ବସୁଦେବ

**106.** ଆପଣ ଜଣେ ହିନ୍ଦୀଭାଷୀ ଶିକ୍ଷକ, କିନ୍ତୁ ଆପଣଙ୍କର କର୍ମସ୍ଥଳ ପଞ୍ଜାବର ଏକ ପ୍ରାଇମେରୀ ସ୍କୁଲ । ଯେହେତୁ ଆପଣଙ୍କୁ ସେ ସ୍ଥାନର ସ୍ଥାନୀୟ ଭାଷା ଜଣାନାହିଁ, ଆପଣ __________ ।

(1) ସମ୍ପ୍ରଦାୟକୁ ହିନ୍ଦୀ ଶିକ୍ଷା କରିବାକୁ ପ୍ରବର୍ତ୍ତାଇବା
(2) ହିନ୍ଦୀ ଭାଷା ଅଞ୍ଚଳକୁ ବଦଳି ହୋଇଯିବାକୁ ସଙ୍ଗେ ସଙ୍ଗେ ଆବେଦନ କରିବେ
(3) ପିଲାଙ୍କର ଭାଷାକୁ ସାମଗ୍ରୀ ଭାବରେ ଗ୍ରହଣ କରି ପଢ଼ାଇବା ଉଚିତ
(4) ଇଂରାଜୀରେ କଥୋପକଥନ କରିବା ଆବଶ୍ୟକ

**107.** ଜଣେ ଶିଶୁ ନିଜେ ଏକ ଅନୁଚ୍ଛେଦ ଯେତେ ମାନସ ମନ୍ଥନ ସେ ବିଷୟରେ କଲେ ମଧ୍ୟ ଲେଖିପାରେ ନାହିଁ । କିନ୍ତୁ ସେ ଅନ୍ୟର ତତ୍ତ୍ୱାବଧାନରେ ଲେଖିପାରେ । ଏ ପ୍ରକାର ତତ୍ତ୍ୱାବଧାନକୁ କୁହାଯାଏ -

(1) ଦଳଗତ ଶିକ୍ଷା
(2) ଅସ୍ଥାୟୀ ସହାୟକ ସାମଗ୍ରୀ
(3) ମୁରବୀ ଦ୍ୱାରା ଶିକ୍ଷା
(4) ମୁରବୀ ଦ୍ୱାରା ଉପଦେଶ

www.careerindia.com

**108.** ଭାଷା ଆହରଣ ସମ୍ଭବ ହୋଇଥାଏ ଯେତେବେଳେ -

(1) ଶିଶୁଟି ଏକ ଭାଷା ସମ୍ପର୍କରେ ଆସେ

(2) ଶିଶୁଟି ବ୍ୟାକରଣ ନିୟମ ଶିଖେ

(3) ଶିଶୁଟିକୁ ଅନୁବାଦ ଅଭ୍ୟାସ କରିବାକୁ ଦିଆଯାଏ

(4) ଶିଶୁଟିକୁ ପଠନ କରିବାର ସୁଯୋଗ ଦିଆଯାଏ

**109.** ପାଠ୍ୟପୁସ୍ତକ ସମ୍ପର୍କରେ ଏଥିମଧ୍ୟରୁ କେଉଁଟି ଉପଯୁକ୍ତ ମନ୍ତବ୍ୟ ?

(1) ପାଠ୍ୟପୁସ୍ତକର ସ୍ଥାନ ଅପରିବର୍ତ୍ତନୀୟ

(2) ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ପାଠ୍ୟପୁସ୍ତକ ଏକମାତ୍ର ସହାୟକ ସାମଗ୍ରୀ

(3) ପାଠ୍ୟଖସଡ଼ାରେ ନିର୍ଦ୍ଦିଷ୍ଟ କରାଯାଇଥିବା ଉଦ୍ଦେଶ୍ୟ ହାସଲ କରିବାରେ ଏହା ସହାୟକ ହୋଇଥାଏ

(4) ଏହା ଶୈକ୍ଷିକ କାର୍ଯ୍ୟର ଯୋଜନା କରିବାରେ ସହାୟକ ହୁଏ

**110.** ପଞ୍ଚମ ଶ୍ରେଣୀର ଶିକ୍ଷକ ଭାବରେ ଆପଣ ଶିକ୍ଷାର୍ଥୀଙ୍କୁ ନିର୍ଭୁଲ ଭାବରେ ପାଠ୍ୟ ପଠନ କରିବାକୁ କୁହନ୍ତି । ତାପରେ ପ୍ରସଙ୍ଗ ସହାୟତାରେ ଉତ୍ତର ଦେବାକୁ କହି ଆପଣ କିଛି ପ୍ରଶ୍ନ କରନ୍ତି । ଏଇ ଧାରାରେ ଆପଣ ଶିକ୍ଷାର୍ଥୀଙ୍କୁ __________ ପାଇଁ ଉତ୍ସାହିତ କରିଥାନ୍ତି ।

(1) ପୁଙ୍ଖାନୁପୁଙ୍ଖ ପଠନ (2) ବିସ୍ତୃତ ପଠନ (3) ନିରୀକ୍ଷଣ (4) ଅପସାରଣ

**111.** __________ ବୋଧ ଗୋଟିଏ ପାଠ୍ୟକୁ ତନ୍ନତନ୍ନ କରି ପଢ଼ିବାର ଏକ କୌଶଳ । ଏହାର ଉଦ୍ଦେଶ୍ୟ ହେଲା ପାଠ୍ୟରୁ ଏକ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ କରିବା ।

(1) ଆକଳନାତ୍ମକ (2) ବିଶ୍ୱ (3) ସ୍ଥାନୀୟ (4) ନିଷ୍କର୍ଷ

**112.** ବ୍ୟାକରଣ ଶିକ୍ଷାରେ ନିଗମନ ପଦ୍ଧତି __________ ସମ୍ପର୍କରେ ଯୁକ୍ତି କରିଥାଏ ।

(1) ଡ୍ରିଲ୍ ମାଧ୍ୟମରେ ଅଭ୍ୟାସ (2) ଉଦାହରଣ ପ୍ରଦାନ

(3) ନିୟମ ଉପସ୍ଥାପନ (4) ଯଥାର୍ଥ ବାର୍ତ୍ତାଳାପ

**113.** ସତ୍ୟ ବାହାରେ ଅଧିକ ଚିନ୍ତା କରିବା କିମ୍ବା ଆକଳନ କରିବାର ଉପାୟ ହେଲା __________ ।

(1) କଳନା (2) ଯୁକ୍ତିପୂର୍ଣ୍ଣ ଉତ୍ତର (3) ଆଲୋଚନା (4) ନିଷ୍କର୍ଷ

**114.** ମାତୃଭାଷାର ବ୍ୟବହାର କ୍ଲାସରେ ନକରିବା __________ ପଦ୍ଧତିର ଗୁଣ ।

(1) ପ୍ରତ୍ୟକ୍ଷ (2) ପ୍ରାକୃତିକ (3) ଦ୍ୱିଭାଷିକ (4) ଦୃଶ୍ୟ-ଭାଷିକ

www.careerindia.com

CAREERINDIA

**115.** ଆପଣ ଜଣେ ଶିକ୍ଷକ ଭାବରେ ଜଣେ ଶିଶୁକୁ ତାର 'ସବିଶେଷ ଭାଷା ବ୍ୟବହାର' ନିମନ୍ତେ ପ୍ରଶଂସା କଲେ । ଆପଣ କେଉଁ ପଦ୍ଧତି ବ୍ୟବହାର କରିଛନ୍ତି ?

(1) ଗଠନମୂଳକ (2) ସମ୍ପୂର୍ଣ୍ଣ ଭାଷା

(3) କଥୋପକଥନମୂଳକ (4) ସଂରଚନାତ୍ମକ

**116.** ଜଣେ ଭାଷା ଶିକ୍ଷକ ଶିକ୍ଷାର୍ଥୀଙ୍କୁ ମୁକ୍ତ ଲିଖନ ନିମନ୍ତେ ପ୍ରବର୍ତ୍ତାଇବା ଉଚିତ । ଏଥିରେ କେଉଁ ପ୍ରକାରର ଲାଭ ହୋଇଥାଏ ?

(1) ମାତୃଭାଷାର ଉପାଦାନ ଲକ୍ଷ୍ୟ ଭାଷା ଶିକ୍ଷଣରେ ବ୍ୟବହାର କରାଯାଇପାରେ

(2) ଏହା ଶିକ୍ଷାର୍ଥୀଙ୍କୁ ଅନର୍ଗଳ ଲେଖିବା ତଥା ସୃଜନଶୀଳ ହେବାରେ ସାହାଯ୍ୟ କରିଥାଏ

(3) ସେମାନେ ଲେଖିବେ କି ନା, ଏ ପ୍ରକାର ସ୍ୱାଧୀନତା ମିଳିଥାଏ

(4) ସେମାନଙ୍କୁ ଯେ ଅନେକ ଲେଖିବାକୁ ପଡ଼ିବ କିମ୍ବା ସମ୍ପୂର୍ଣ୍ଣ ନିର୍ଭୁଲ ଲେଖିବେ ଏ ପ୍ରକାରର ଧାରଣା ରହେ ନାହିଁ

**117.** __________ ଏକ ପ୍ରକାରର ଶିକ୍ଷା ଯେଉଁଥିରେ ଶିଶୁକୁ ଅଧିକ ଉଚ୍ଚ ମାନସିକ ଧାରା, ଯଥା ବୁଦ୍ଧି ଓ ବିଚାରର ପ୍ରୟୋଗ କରିଥାଏ ।

(1) ଗଠନ ଶିକ୍ଷା (2) ମୌଖିକ ଶିକ୍ଷା (3) ଧାରଣା ଶିକ୍ଷା (4) ମୋଟର ସ୍କିଲ୍ ଶିକ୍ଷା

**118.** ଏଥିମଧ୍ୟରୁ କେଉଁ କ୍ଲାସରୁମ୍ ଅଭ୍ୟାସ ଶିକ୍ଷାର୍ଥୀଙ୍କର ମୌଖିକ ଭାଷାର ବିକାଶରେ ସହାୟକ ହୋଇଥାଏ ?

(1) ନୂତନ ତଥା ଅପରିଚିତ ଶବ୍ଦର ଉଚ୍ଚାରଣରେ ଯୋଗଦାନ

(2) ଶିକ୍ଷକଙ୍କ ସହିତ ଯୋଗଦେଇ ସମବେତ ପଠନ

(3) କବିତାଟିଏ ମନେରଖି ସମବେତ ଗାନ

(4) ରୋଲ୍-ପ୍ଲେରେ ଅଂଶଗ୍ରହଣ

**119.** ଯେତେବେଳେ ଆମେ କହିଥାଉ - 'ଭାଷା ଯାଦୃଚ୍ଛିକ' ସେତେବେଳେ ଆମେ ମନେକରୁ -

(1) ଭାଷା ପୂର୍ବପଦ୍ଧତି/ସିଦ୍ଧାନ୍ତ ଆଧାରିତ

(2) ଭାଷାରେ ଶବ୍ଦ ସହିତ ଅର୍ଥର ଅନ୍ତର୍ନିହିତ ସମ୍ପର୍କ ରହିଛି

(3) ଭାଷାରେ ଶବ୍ଦ ସହିତ ଅର୍ଥର ସମ୍ପର୍କ ପଛରେ ଯଥାର୍ଥ କାରଣ ରହିଥାଏ, ସୁଯୋଗ ନୁହେଁ

(4) ଭାଷାରେ ଶବ୍ଦ ସହିତ ଅର୍ଥର ଅନ୍ତର୍ନିହିତ ସମ୍ପର୍କ ନଥାଏ

**120.** ଭାଷା ଶିକ୍ଷଣର 'ଡାଇଗୋନିଷ୍ଟିକ୍ ଟେଷ୍ଟ୍' ର ଉଦ୍ଦେଶ୍ୟ ହେଲା -

(1) ପିଲାଙ୍କର ପ୍ରୋଗ୍ରେସ୍ ରିପୋର୍ଟ ଦେଖି କାରଣ ବାହାର କରିବା

(2) ସମେଟିଭ୍ ମୂଲ୍ୟାୟନ ନିମନ୍ତେ ଯୋଜନା କରି ପ୍ରଶ୍ନ ପ୍ରସ୍ତୁତ କରିବା

(3) ଅବିଭାବକ ସାକ୍ଷାତ ସମୟରେ ପିତାମାତାଙ୍କୁ ପିଲାର ଦୁର୍ବଳତା ଜଣାଇ ସେମାନଙ୍କୁ ଶିକ୍ଷଣରେ ସାହାଯ୍ୟ କରିବାକୁ କହିବା

(4) ଶିକ୍ଷାର୍ଥୀଙ୍କ ଦୁର୍ବଳତା ଜାଣି ତା'ର ପ୍ରତିକାର ବ୍ୟବସ୍ଥା କରିବା

www.careerindia.com

**135.** 'ପ୍ରାକୃତିକ' - ରେ କେଉଁ ପ୍ରତ୍ୟୟ ସଂଯୁକ୍ତ ହୋଇଛି ?

(1) ରକ (2) ଅକ (3) ଉକ (4) ଇକ

**136.** ଜଣେ ପ୍ରାଥମିକ ସ୍ତରରେ ପଢ଼ାଉଥିବା ଶିକ୍ଷକ ଶିକ୍ଷାର୍ଥୀଙ୍କ ରଂଗ କରିବା ଏବଂ ଚିତ୍ର ଅଙ୍କନ କରିବାକୁ ପ୍ରବର୍ତ୍ତାଇଥାନ୍ତି । ଏହା ତାଙ୍କୁ କେଉଁଥିରେ ସାହଯ୍ୟ କରେ ?

(1) ଶିକ୍ଷକ ଶିକ୍ଷାଦାନରୁ କିଛି ସମୟ ବିରତି ନେବାରେ
(2) ଶ୍ରେଣୀ କକ୍ଷରେ ନୀରବତା ରକ୍ଷା କରିବାରେ
(3) ମଟର ସ୍କିଲ୍ ବଢ଼ାଇବାରେ
(4) ଶିକ୍ଷାର୍ଥୀଙ୍କୁ ଆନନ୍ଦ ଦେବାରେ

**137.** ଯେଉଁ ମନ୍ତବ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ଲାସର ଶେଷ ବେଳକୁ ଜ୍ଞାନ, କୌଶଳ ଏବଂ ରୁଚି ଆଦି ଶିକ୍ଷାର୍ଥୀ ଗ୍ରହଣ କରିବା ବିଷୟରେ କୁହାଯାଇଥାଏ ତାହାକୁ __________ ଭାବରେ ଗ୍ରହଣ କରାଯାଏ ।

(1) ପ୍ରାରମ୍ଭିକ ଅକ୍ଷର ଜ୍ଞାନ (2) ଶିକ୍ଷାଦାନ ଜ୍ଞାନ (3) ଶିକ୍ଷଣ ଜ୍ଞାନ (4) ସଂଖ୍ୟା ଜ୍ଞାନ

**138.** ଜଣେ ଶିକ୍ଷୟିତ୍ରୀ ତାଙ୍କର କ୍ଲାସରେ ଦଳଗତ ଆଲୋଚନା ତଥା ବାର୍ତ୍ତାଳାପ କରାନ୍ତି । ସେ ବନାନ କିମ୍ବା ଉଚ୍ଚାରଣରେ ତ୍ରୁଟିକୁ ସଂଶୋଧନ କରିନଥାନ୍ତି । ସେ କକ୍ଷରେ __________ ପଦ୍ଧତି ବ୍ୟବହାର କରୁଛନ୍ତି ।

(1) ସଂରଚନାତ୍ମକ
(2) ପାରମ୍ପରିକ
(3) ବିଭିନ୍ନ ଭାବଧାରାଭିତ୍ତିକ
(4) ଗଠନାତ୍ମକ

**139.** କ୍ଲାସରେ କାଳ ବିଷୟରେ ପଢ଼ାଇବା ପାଇଁ ଶିକ୍ଷକ ଏକ ମଣିଷର ଦୁଇଟି ଚିତ୍ର ଦେଖାଇଲେ । ସେଥିମଧ୍ୟରୁ ଗୋଟିଏ 15 ବର୍ଷ ତଳେ ଏବଂ ଅନ୍ୟଟି ଏବେ ନିଆଯାଇଥିଲା । ଆପଣ କ୍ଲାସରେ ତାଙ୍କର ଚେହେରା, ଅଭ୍ୟାସ ଓ ଆଚରଣ ଆଦି ଉପରେ ଆଲୋଚନା ଆରମ୍ଭ କରନ୍ତୁ । ଏଥିରେ ଆପଣ କ'ଣ ବ୍ୟବହାର କରୁଛନ୍ତି ?

(1) ନିୟମ ଆଧାରିତ ବ୍ୟାକରଣ
(2) ନ୍ୟାୟ ସଂଗତ ବ୍ୟାକରଣ
(3) ଗଠନାତ୍ମକ ବ୍ୟାକରଣ
(4) ପେଡ଼ାଗୋଜି ଆଧାରିତ ବ୍ୟାକରଣ

**140.** 'ପ୍ରଦୂଷଣ' ଉପରେ ଲେସନ୍ ପ୍ଲାନ୍ କଲାବେଳେ ଆପଣଙ୍କର ପ୍ରଥମ ପଦକ୍ଷେପ କ'ଣ ହେବ ?

(1) ଉଦ୍ଦେଶ୍ୟ ନିର୍ଦ୍ଧାରଣ
(2) ମୂଳପ୍ରଶ୍ନ ପ୍ରସ୍ତୁତି
(3) ଏକ ବିଷୟକୁ ବାରମ୍ବାର ଅନୁଧ୍ୟାନ କରିବା
(4) ଶିକ୍ଷାଦାନ ସାମଗ୍ରୀ ଚୟନ

**141.** ଯେତେବେଳେ ଭାଷା ବିନା ଶୃଙ୍ଖଳାବଦ୍ଧ ଭାବରେ ନହୋଇ ପ୍ରାକୃତିକ ଭାବରେ ଶିକ୍ଷା କରାଯାଏ, ତାହାକୁ କୁହାଯାଏ __________ ।

(1) ଶିକ୍ଷଣ (2) ପାଣ୍ଡିତ୍ୟ (3) ଆହରଣ (4) ଗ୍ରହଣ

**142.** ପିଲାମାନେ ଭାଷା ଶିକ୍ଷଣରେ ଅଧିକ ପାରଙ୍ଗମ ହୁଅନ୍ତି, ଯେତେବେଳେ -

(1) ପ୍ରେରଣା ମିଳେ
(2) ତାଙ୍କୁ ଜଣେ ଦକ୍ଷ ଭାଷା ଶିକ୍ଷକ ମିଳନ୍ତି
(3) ଭଲ ପାଠ୍ୟପୁସ୍ତକ ମିଳେ
(4) ବାରଣ ହୁଏ

**143.** ଭାଷାତାତ୍ତ୍ୱିକ ଦକ୍ଷତା ଫଳରେ ଶିକ୍ଷାର୍ଥୀ __________ କରିଥାଆନ୍ତି ।

(1) ଅଧିକରୁ ଅଧିକ ଇଂରେଜୀ ବ୍ୟବହାର କରନ୍ତି
(2) ବ୍ୟାକରଣ ଦିଗରୁ ଶୁଦ୍ଧ ଏବଂ ଅଶୁଦ୍ଧ ବାକ୍ୟ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିଥାଆନ୍ତି
(3) ବ୍ୟାକରଣ ଦୃଷ୍ଟିରୁ ଶୁଦ୍ଧ ନହେଲେ ମଧ୍ୟ ଅନର୍ଗଳ କହିପାରନ୍ତି
(4) ଭାଷାକୁ ଯଥାର୍ଥ ଭାବେ କେଉଁଠାରେ ଏବଂ କିପରି ବ୍ୟବହାର କରାଯିବ ଜାଣନ୍ତି



www.careerindia.com

